SAMBAD
ସମ୍ବାଦ

ONLINE EDITION

# ଆଇଆଇଟି ଭୁବନେଶ୍ୱର ପାଇଲା 'ୟୁନିଭର୍ସିଟି ଅଫ୍ ଦି ଇୟର୍' ସମ୍ମାନ

By **Sambad** Last updated **Feb 28, 2021**




ଭୁବନେଶ୍ୱର : ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିସି) ପକ୍ଷରୁ ଉଚ୍ଚଶିକ୍ଷା କ୍ଷେତ୍ରରେ ଉତ୍କର୍ଷତା ହାସଲ କରିଥିବା ଶିକ୍ଷାନୁଷ୍ଠାନଗୁଡ଼ିକୁ ସମ୍ମାନିତ କରିବା ପାଇଁ ଆୟୋଜିତ ଏକ ଉତ୍ସବରେ ଆଇଆଇଟି ଭୁବନେଶ୍ୱରକୁ ୟୁନିଭର୍ସିଟି ଅଫ୍ ଦି ଇୟର୍ ସମ୍ମାନ ପ୍ରଦାନ କରାଯାଇଛି। ୧୧ ବର୍ଷରୁ ୩୦ ବର୍ଷ ମଧ୍ୟରେ ପ୍ରତିଷ୍ଠା ହୋଇଥିବା ବିଶ୍ୱବିଦ୍ୟାଳୟ କ୍ଷେତ୍ରରେ ଏହି ସମ୍ମାନ ମିଳିଛି। ୧୧ଟି ବର୍ଗରେ ସମ୍ମାନ ପ୍ରଦାନ କରାଯାଇଥିବାବେଳେ ଆଇଆଇଟି ଭୁବନେଶ୍ୱରକୁ ଏହି ସମ୍ମାନ ମିଳିଛି। ଆଇଆଇଟି ଭୁବନେଶ୍ୱରକୁ ଏହି ସମ୍ମାନ ମିଳିବା ପରେ ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଆର୍.ଭି ରାଜକୁମାର କହିଛନ୍ତି ଯେ, ଛାତ୍ରଛାତ୍ରୀଙ୍କୁ ସାମଗ୍ରିକ ଶିକ୍ଷା ପ୍ରଦାନ କ୍ଷେତ୍ରରେ ଆମେ ସର୍ବଦା ଗୁରୁତ୍ୱ ଦେଇଥାଉ। କରୋନା ମହାମାରୀ ସମୟରେ ସାରା ବିଶ୍ୱ ଠପ୍ ହୋଇଯାଇଥିବାବେଳେ ଆଇଆଇଟି-ଭୁବନେଶ୍ୱରର ପାଠପଢ଼ା ପ୍ରଭାବିତ ହୋଇନଥିଲା। ଏପରିକି ଅନଲାଇନ୍‌ରେ ପରୀକ୍ଷା ପରିଚାଳନା କରିବା ସହିତ ନିରୀକ୍ଷକଙ୍କୁ ବି ନିୟୋଜିତ କରାଯାଇଥିଲା। ଅନଲାଇନ୍‌ରେ ପ୍ରାକ୍ଟିକାଲ କ୍ଲାସରୁ ଆରମ୍ଭ କରି ସମାବର୍ତ୍ତନ ଉତ୍ସବ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ହୋଇଥିଲା। ସେପ୍ଟେମ୍ବର ମାସରେ ମାତ୍ର ୫ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ ହେଁ ବର୍ଷତମାମ୍ କରୋନା ଜନିତ ପ୍ରଭାବ କ୍ୟାମ୍ପସରେ ପଡ଼ିନଥିଲା। ଛାତ୍ରଛାତ୍ରୀ, ଅଧ୍ୟାପକ, କର୍ମଚାରୀଙ୍କ ମିଳିତ ଉଦ୍ୟମରେ ଆଇଆଇଟି-ଭୁବନେଶ୍ୱରକୁ ଆଜି ଏ ସଫଳତା ମିଳିଛି।

[ଆଇଆଇଟି ଭୁବନେଶ୍ୱର ପାଇଲା 'ୟୁନିଭର୍ସିଟି ଅଫ୍ ଦି ଇୟର୍' ସମ୍ମାନ | Sambad](https://sambad.in/state/iit-bhubaneswar-received-the-university-of-the-year-award-632652/)

https://sambad.in/state/iit-bhubaneswar-received-the-university-of-the-year-award-632652/